ଏଲଲବ୍ୟ

ଅପ୍ପୁକୁଟ୍ଟନ୍‌ର ଓଜନ ମାପିବା କେମିତି ?

ଚିତ୍ର- ଲୋକେଶ ଖୋଡ୍‌କେ

ଅପ୍ପୁକୁଟ୍ଟନ୍‌ର ଓଜନ ମାପିବା କେମିତି ?

କାହାଣୀ- ପ୍ରଭାତ

ଚିତ୍ର- ଲୋକେଶ ଖୋଡ୍‌କେ

ଓଡ଼ିଆ ଅନୁବାଦ- ଦାଶ ବେନହୁର

ଏକଲବ୍ୟ



ଅପ୍ପୁକୁଟ୍ଟନ୍‌ର ଓଜନ ମାପିବା କେମିତି ?

How do we weigh Appukuttan?

Adapted from a Chinese folkate

Story and Illustrations: Indu Harikumar

© Indu Harikumar & Eklavya

Any part of this book can be used for non-commercial educational purposes
under a similar copyleft notification. Please mention this book as the source and inform Eklavya.
For any other kind of permission contact the author through Eklavya.

April 2018 / 1500 copies

Paper: 100 gsm Maplitho and 210 gsm Paper board (Cover)

This Oriya translation is supported by the Parag Initiative of Tata Trusts.

ISBN: 978-93-87926-04-2

Price: ₹ 60.00

Published by:

EKLAVYA

E-10, Shankar Nagar BDA Colony
Shivaji Nagar, Bhopal- 462 016
Phone: +91 755 255 0976, 267 1017
www.eklavya.in / books@eklavya.in

Printed at: R. K. Secuprint P. Ltd. , Bhopal, Phone +91 755 268 7589



ଏଇଟା ଗୋଟିଏ ବିଶେଷ ରାଜ୍ୟର କାହାଣୀ ।
ଧନରତ୍ନରେ ଭରା ଥିଲା ସେ ରାଜ୍ୟ ।
ଉତ୍ତରର ଦୁନିଆ ବି...



ଯାହା ପଚାର ରାଇଜର ଲୋକେ ଚଟାପଟ୍ ଉତ୍ତର ଦେଇଦେବ । ପ୍ରଶ୍ନ ପଚାରିବା ପୂର୍ବରୁ ଉତ୍ତର ଖୋଜି ବାହାର କରିବାରେ ଲାଗିଯାଆନ୍ତି ରାଜ୍ୟର ଲୋକମାନେ । କୌଣସି ପ୍ରଶ୍ନର ଉତ୍ତର ସେଠାରେ ମିଳିବ ନାହିଁ ଏମିତି ନୁହେଁ । ସବୁ ଉତ୍ତର ସେମାନଙ୍କ ପାଖରେ ।

କିନ୍ତୁ ଦିନେ ଏଭଳି ଏକ ପ୍ରଶ୍ନ ଆସିଲା ଯେ ସମସ୍ତଙ୍କ ମୁଣ୍ଡ ଗୋଳମାଳ ହେଇଗଲା ।

ଲୋକମାନେ ଚିନ୍ତିତ ହୋଇପଡ଼ିଲେ । ମୁଣ୍ଡ କୁଣ୍ଡେଇ ହେଲେ । ବହୁତ ମୁଣ୍ଡ ଖେଳେଇ ସାରିବା ପରେ ଭାବିଲେ, “ଏ ପ୍ରଶ୍ନର ଉତ୍ତର ପାଇବା କେମିତି ?”



କଥା କ'ଣ କି ରାଜାଙ୍କ ସାନ ପୁଅ ଅପ୍ପୁକୁଟ୍ଟନ୍‌କୁ ଖାଦ୍ୟ ଖୁଆଉଥିଲେ ।
ଅପ୍ପୁକୁଟ୍ଟନ୍ ସ୍ୱାଦିଷ୍ଟ ଭୋଜନ ଖାଇ ଚାଲିଥାଏ । ହଠାତ୍ ରାଜକୁମାରଙ୍କ ଟିକି ମୁଣ୍ଡକୁ ପୋକ କାମୁଡ଼ିଲା । ମନକୁ ଆସିଲା ଗୋଟିଏ ଅତି ସରଳ ପ୍ରଶ୍ନ । ସେ ଜାଣିବାକୁ ଚାହିଁଲେ

ପ୍ରଶ୍ନ ଶୁଣି ଚାକର-ଚାକରାଣୀ, ସମସ୍ତଙ୍କ ମୁଣ୍ଡ ଚକ୍କର ଖାଇଗଲା ।
ସେମାନେ କହିଲେ,

ଶୀଘ୍ର ଶୀଘ୍ର ଏ ପ୍ରଶ୍ନଟି ରାଜମହଲରୁ ବାହାରି ରାଜ୍ୟରେ ଥିବା ସବୁ ଘର, ରାସ୍ତା, ବିଲ ଓ ପଡ଼ିଆରେ ବି ପହଞ୍ଚିଗଲା । ସବୁ ଲୋକଙ୍କ ମନରେ ଗୋଟିଏ ଚିନ୍ତା, ଗୋଟିଏ ପ୍ରଶ୍ନ:- "ଅପ୍ପୁକୁଟ୍ଟନ୍‌ର ଓଜନ ମାପିବା କେମିତି ?"

"କ'ଣ ତରାଜୁ ନ ଥିଲା ତାଙ୍କ ପାଖରେ ?
ଓଜନ ମାପିବା ଜନ୍ତ୍ରରେ ଠିଆ କରି ମାପିଲେନି
କ'ଣ ପାଇଁ ?"

ତରାଜୁ ତ ଥିଲା ! ମାନେ ଖାସ୍ ଅପ୍ପୁକୁଟ୍ଟନ୍‌କୁ ଓଜନ କରିବା ପାଇଁ ଆହୁରି ତିଆରି ବି ହୋଇଥିଲା ହେଲେ ଅପ୍ପୁ ପାଇଁ ସେ ସବୁ ଛୋଟ ହେଲା ।

ଆଉ କେତେ ସେ ଗୋଡ଼ ଥୋଉ ଥୋଉ ଛିଣ୍ଡିଗଲା । ଆଉ କେତୁଟା ଦେଖୁ ଦେଖୁ ଲୋକ କହିଲେ ଏଥିରେ କ'ଣ ଅସ୍ତୁକୁଟ୍ଟନ୍‌କୁ ମାପି ହେବ ?



ତୁମେ ବୁଝି ଯାଇଥିବ ଯେ ଏଠି କଥା ଗୋଟାଏ ହାତୀର କଥା କୁହାଯାଉଛି । ସେ ପୁଣି ଏମିତି-ସେମିତି ହାତୀ ନୁହେଁ, ଗୋଟିଏ ଧନୀ ରାଜ୍ୟର ରାଜାଙ୍କ ହାତୀ । ଆଉ ଏଇ ରଜାଘର ହାତୀର ଓଜନ ପୂରା ଶାସନର ଚିନ୍ତା ପାଲଟି ଯାଇଥିଲା ।



ସମସ୍ତେ ପ୍ରଶ୍ନର ଉତ୍ତର ଖୋଜୁଥିବାବେଳେ ଟିକି ମିନୁ ମୁଣ୍ଡରେ ଏକ ଉପାୟ ଆସିଲା । "ଆରେ ! ଏଇଟା ତ ବହୁତ ସହଜ," ସେ ମନେ ମନେ ଭାବିଲା ଓ ରାଜସଭା ଆଡ଼େ ଚାଲିଲା ।

ରାଜା ଟିକି ଝିଅର କଥା ଶୁଣିଲେ । ଶୁଣିଲେ ଓ ଭାବିଲେ । ଭାବିଲେ ଓ କହିଲେ,



ସବୁ ଲୋକ ନଦୀ ଆଡ଼କୁ
ଚାଲିଲେ । ମିନୁ ଦରବାର ଲୋକେ
ଓ ଅପ୍ପୁକୁଟ୍ଟନ୍ ।
ଅପ୍ପୁକୁ ଗୋଟିଏ ଡଙ୍ଗାରେ ଠିଆ
କରାଗଲା ।



ଦେଖୁ ଦେଖୁ ଡଙ୍ଗା ଦବିବା ଆରମ୍ଭ କଲା ।
ଆଉ ତା'ପରେ...ତା'ପରେ... ।
ଡଙ୍ଗା ଦବି ଦବି ଅଧାରେ ରହିଗଲା ।
ମିନୁ ଯାଇ ସେ ଡଙ୍ଗା ପାଣିରେ ବୁଡ଼ି ରହିଥିବା
ଜାଗାରେ ଦାଗ କରି ଦେଲା ।
ଅସ୍ତୁକୁ ଡଙ୍ଗାରୁ ବାହାର କରାଗଲା ।



ତା'ପରେ ଡଙ୍ଗା ଇଟା ରଖାଗଲା ।
ଇଟା ବଢ଼ିଲା ଓ ଡଙ୍ଗା ପୁଣି ଦବିଲା ।
ତା'ପରେ...ତା'ପରେ... ।

ଯେତେବେଳେ ଡଙ୍ଗା ଦବି ଦବି ପୂର୍ବରୁ ଦିଆଯାଇଥିବା ଦାଗ ପାଖରେ ପହଞ୍ଚିଲା ମିନୁ ପାଟି କରି କହିଲା, "ହେଲା ! ହେଲା ! ଆଉ ଇଟା ରଖନି ।" ତା'ପରେ ଇଟାଗୁଡ଼ାକୁ ଓଜନ କରି ତଉଲା ଗଲା । ଏହି ପରି ଭାବରେ ଅପ୍ପୁକୁଟ୍ଟନ୍‌ର ଓଜନ ଜଣା ପଡ଼ିଲା । ଜାଣିଛ ! ଅପ୍ପୁର ଓଜନ କେତେ ଥିଲା ?"




"୫୦୦୦ କିଲୋ ! ପୂରାପୂରି ୫୦୦୦ କିଲୋ !"

ଯେତେବେଳେ ଛୋଟ ରାଜକୁମାର ଅପ୍ସୁକୁଟ୍ଟନକୁ ଖାଦ୍ୟ ଖୁଆଉଥିଲେ ସେତେବେଳେ ତାଙ୍କ ମୁଣ୍ଡକୁ ଏକ ପ୍ରଶ୍ନ ଆସିଲା, "ଅପ୍ସୁର ଓଜନ କେତେ ହେବ ?"
ଶୀଘ୍ର ସମଗ୍ର ରାଜ୍ୟ ଏ ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଲା । ଆଉ ଉତ୍ତର ମିଳିଲା କୁନି ମୀନୁ ପାଖରୁ ।
କେମିତି ? ତାହା ତୁମେ କାହାଣୀ ପଢ଼ିଲେ ଜାଣିବ ।

ଇନ୍ଦୁ ହରିକୁମାର ପିଲାଙ୍କ ପାଇଁ ଲେଖନ୍ତି ଏବଂ ଚିତ୍ରାଙ୍କନ ମଧ୍ୟ କରନ୍ତି । ତାଙ୍କୁ ପିଲାଙ୍କ ସହ କାମ କରିବାରୁ ଆନନ୍ଦ ମିଳିଥାଏ । ଏହା ତାଙ୍କର ପ୍ରଥମ ଚିତ୍ରକଥା ।

9 789387 926042

parag
AN INITIATIVE OF TATA TRUSTS

ଏକଲବ୍ୟ

Price: ₹ 60.00